# NATIONAL NEWS BULLETIN (ODIA)

## 20 August - 2025

### Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଆଇନ୍‌ରେ ପରିଣତ ହେଲା ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ।
- ବିଶ୍ୱ ତଥା ଆଞ୍ଚଳିକ ସ୍ତରରେ ଶାନ୍ତି ଓ ସମୃଦ୍ଧି ପ୍ରତିଷ୍ଠା ଦିଗରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ଭାରତ-ଚୀନ୍ ସକାରାତ୍ମକ ସମ୍ପର୍କ, କହିଲେ ପ୍ରଧାନମନ୍ତ୍ରୀ ।
- ଏନ୍.ଡି.ଏ.ର ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ଆଜି ଦାଖଲ କରିବେ ମନୋନୟନପତ୍ର ।
- ଭାରତ-ରୁଷ ଆନ୍ତଃ ସରକାରୀ ଆୟୋଗର ୨୬ତମ ଅଧିବେଶନରେ ଆଜି ମସ୍କୋଠାରେ ଅଧ୍ୟକ୍ଷତା କରିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଆସନ୍ତା ୫ ବର୍ଷ ମଧ୍ୟରେ ଭାରତ ଅଟୋମୋବାଇଲ୍ ଶିଳ୍ପ କ୍ଷେତ୍ରରେ ବିଶ୍ୱର ଏକ ନମ୍ବର ରାଷ୍ଟ୍ର ହେବ ବୋଲି ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ।

# କ୍ରୀଡ଼ା ପ୍ରଶାସନ ଆଇନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଗେଜେଟ୍ ନୋଟିଫିକେସନ୍ ଜାରି କରାଯାଇଛି । ଫଳରେ ଏହା ଆଇନ୍‌ରେ ପରିଣତ ହୋଇଛି । ଦେଶରେ କ୍ରୀଡ଼ା ପ୍ରଶାସନରେ ବ୍ୟାପକ ସଂସ୍କାର ଆଣିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଆଇନ୍ ଅନୁଯାୟୀ କ୍ରୀଡ଼ା କ୍ଷେତ୍ରରେ ପ୍ରଶାସନିକ ମାନଦଣ୍ଡ ଧାର୍ଯ୍ୟ ଓ ତ୍ୱରିତ ବିବାଦର ସମାଧାନ ଲକ୍ଷ୍ୟ ନେଇ ଜାତୀୟ କ୍ରୀଡ଼ା ଟ୍ରିବୁନାଲ୍ ପ୍ରତିଷ୍ଠା କରାଯାଇପାରିବ । ଗତ ଜୁଲାଇ ୨୩ ତାରିଖରେ ଏହାକୁ ଲୋକସଭାରେ ଆଗତ କରାଯାଇଥିଲା । ଅଗଷ୍ଟ ୧୧ରେ ଲୋକସଭାରେ ଏହା ପାରିତ ହେବାର ଦିନକ ପରେ ବିସ୍ତୃତ ଆଲୋଚନା ମାଧ୍ୟମରେ ରାଜ୍ୟସଭାରେ ମଧ୍ୟ ଗୃହିତ ହୋଇଥିଲା ।

# ପିଏମ୍-ୱାଙ୍ଗ୍ ୱି

ବିଶ୍ୱ ଏବଂ ଆଞ୍ଚଳିକ ସ୍ତରରେ ଶାନ୍ତି ଓ ସମୃଦ୍ଧି ପ୍ରତିଷ୍ଠା ଦିଗରେ ଭାରତ-ଚୀନ୍ ମଧ୍ୟରେ ଏକ ସ୍ଥିର ତଥା ସକାରାତ୍ମକ ସମ୍ପର୍କର ଉଲ୍ଲେଖନୀୟ ଭୂମିକା ରହିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୱିଙ୍କ ସହିତ ସାକ୍ଷାତ ଆଲୋଚନା ସମୟରେ ସେ ଏହା କହିଛନ୍ତି ।

ଶ୍ରୀ ମୋଦୀ ଏହି ଅବସରରେ ଭାରତ ଓ ଚୀନ୍ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ଥିବା ସୀମା ବିବାଦର ଏକ ନିରପେକ୍ଷ, ଯୁକ୍ତି ସଂଗତ ତଥା ଆପୋଷ ଗ୍ରହଣୀୟ ସମାଧାନ ଲାଗି ଭାରତର ପ୍ରତିବଦ୍ଧତା ଦୋହରାଇଛନ୍ତି । ଗତବର୍ଷ କାଜାନ୍ ଠାରେ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହିତ ତାଙ୍କର ସାକ୍ଷାତ ଆଲୋଚନା ପରଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ସ୍ଥିର ଓ ସକାରାତ୍ମକ ପ୍ରଗତୀକୁ ଶ୍ରୀ ମୋଦୀ ସ୍ୱାଗତ କରିଛନ୍ତି । ଆପୋଷ ହିତ ଏବଂ ପାରସ୍ପରିକ ସମ୍ମାନ ଓ ସମ୍ବେଦନଶୀଳତା ଦ୍ୱାରା ଏହା ପରିଚାଳିତ ହେଉଛି ବୋଲି ସେ କହିଛନ୍ତି । ସେଥିମଧ୍ୟରେ କୈଳାଶ ମାନସରୋବର ଯାତ୍ରାର ପୁନଃ ଆରମ୍ଭ ମଧ୍ୟ ସାମିଲ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଏହି ସାକ୍ଷାତ ଆଲୋଚନା ସମୟରେ ତିଆନ୍‌ଜିନ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଯୋଗଦେବା ଲାଗି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ବାର୍ତ୍ତା ଓ ନିମନ୍ତ୍ରଣ ଶ୍ରୀ ୱାଙ୍ଗ୍ ୱି' ପ୍ରଧାନମନ୍ତ୍ରୀଙ୍କୁ ଅର୍ପଣ କରିଛନ୍ତି । ଏହି ନିମନ୍ତ୍ରଣ ଗ୍ରହଣ କରି ପ୍ରଧାନମନ୍ତ୍ରୀ ଏଥିଲାଗି ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏସ୍.ସି.ଓ. ଶିଖର ସମ୍ମିଳନୀରେ ଚୀନ୍‌ର ଅଧ୍ୟକ୍ଷତାକୁ ଭାରତ ସମର୍ଥନ କରିବା ସହ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବା ଲାଗି ସେ ଆଗ୍ରହୀ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଡୋଭାଲ୍-ୱି

ଚୀନ୍ ବୈଦେଶିକ ମନ୍ତ୍ରୀ ଶ୍ରୀ ୱାଙ୍ଗ୍ ୱି ଓ ଜାତୀୟ ସୁରକ୍ଷା ପରାମର୍ଶ ଦାତା ଅଜିତ୍ ଡୋଭାଲ୍ ଗତକାଲି ଚତୁର୍ବିଂଶତମ ସ୍ୱତନ୍ତ୍ର ପ୍ରତିନିଧି ବୈଠକରେ ସହ-ଅଧ୍ୟକ୍ଷତା କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ୱାଙ୍ଗ୍ ୱି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ଦ୍ୱିପକ୍ଷିୟ ବୈଠକରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

## ପିଏମ୍-କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍‌ରେ ଗତକାଲି ଓଡ଼ିଶା ଓ ରାଜସ୍ଥାନ ସମ୍ପର୍କିତ କେତେକ ଉନ୍ନୟନ ମୂଳକ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁଇ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ୮ହଜାର ୩୦୭ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟରେ ଓଡ଼ିଶାରେ ୬ ଲେନ୍ ବିଶିଷ୍ଟ ରାଜଧାନୀ କ୍ଷେତ୍ର ରିଙ୍ଗ୍‌ରୋଡ୍ ନିର୍ମାଣ ଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବା ସହ ଗମନାଗମନ ଅଧିକ ସୁଗମ ହୋଇପାରିବ ।

ସେହିଭଳି ରାଜସ୍ଥାନର କୋଟା-ବୁନ୍ଦୀ ଠାରେ ୧ ହଜାର ୫୦୭ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ନିର୍ମାଣ ଦ୍ୱାରା ଅତ୍ୟଧିକ ବ୍ୟସ୍ତ ସମୟରେ ୧ ହଜାର ଯାତ୍ରୀଙ୍କୁ ପରିଚାଳନା କରାଯାଇ

ପାରିବ । ଏହାଦ୍ୱାରା  ନିଯୁକ୍ତି ସୁଯୋଗ ତଥା ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବା ସହିତ ଦେଶର ବିଭିନ୍ନ ପ୍ରନ୍ତରୁ ସେଠାକୁ ଆସୁଥିବା ବିମାନ ଯାତ୍ରୀଙ୍କୁ ସୁବିଧା ମିଳିବ ବୋଲି ପ୍ରଧାନମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

# ଏନ୍‌ଡିଏ-ଭିପି ନୋମିନେସନ୍

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ.ର ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ଆଜି ତାଙ୍କର ମନୋନୟନପତ୍ର ଦାଖଲ କରିବେ । ଏହି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟାରେ ଏନ୍.ଡି.ଏ.ର ନେତୃବୃନ୍ଦ ସାମିଲ ହେବେ । ଗତକାଲି ନୂଆଦିଲ୍ଲୀ ଠାରେ ଏନ୍.ଡି.ଏ.ର ସଂସଦୀୟ ଦଳ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କୁ ସମସ୍ତଙ୍କ ସହ ପରିଚୟ କରାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କୁ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦଳମତ ନିର୍ବିଶେଷରେ ସମସ୍ତ ସାଂସଦମାନଙ୍କୁ ନିବେଦନ କରିଛନ୍ତି ।

ଇତିମଧ୍ୟରେ ବିରୋଧୀ ଇଣ୍ଡି ମେଣ୍ଟ ପକ୍ଷରୁ ସୁପ୍ରିମ୍‌କୋର୍ଟ୍‌ର ପୂର୍ବତନ ବିଚାରପତି ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡୀଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ କରାଯାଇଛି । ଆସନ୍ତାମାସ ୯ ତାରିଖରେ ହେବାକୁ ଥିବା

ଦେଶର ୧୭ତମ ଉପରାଷ୍ଟ୍ରପତି ଉପରାଷ୍ଟ୍ରପତି ନିର୍ବାଚନ ଲାଗି ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ।

୨୨ ତାରିଖ ଦିନ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ଏବଂ ୨୫ ତାରିଖ ହେଉଛି ପ୍ରତ୍ୟାହାରର ଶେଷ ଦିନ । ସ୍ୱାସ୍ଥ୍ୟଗତ କାରଣରୁ ଗତମାସରେ ଜଗ୍‌ଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫାଦେବା ପରେ ଏଥିଲାଗି ନିର୍ବାଚନ କରାଯାଉଛି । ଲୋକସଭା ଏବଂ ରାଜ୍ୟସଭା ସାଂସଦମାନଙ୍କୁ ନେଇ ଗଠିତ ଇଲେକ୍ଟୋରାଲ୍ କଲେଜ୍ ମତଦାନ କରି ଉପରାଷ୍ଟ୍ରପତି ନିର୍ବାଚନ କରିବେ ।

## ଜୟଶଙ୍କର-ରୁଷ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଭାରତ-ରୁଷ ବାଣିଜ୍ୟ, ଅର୍ଥନୀତି, ବିଜ୍ଞାନ ଓ ଜ୍ଞାନକୌଶଳ ଏବଂ ସାଂସ୍କୃତିକ ସହଯୋଗ ସମ୍ପର୍କିତ ଆନ୍ତଃ ସରକାରୀ ଆୟୋଗର ୨୬ତମ ଅଧିବେଶନରେ ସହ-ଅଧ୍ୟକ୍ଷତା କରିବେ । ଏଥିସହିତ ଡକ୍ଟର ଜୟଶଙ୍କର ମସ୍କୋ ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ରୁଷ ବାଣିଜ୍ୟିକ ଫୋରମ୍ ବୈଠକରେ ମଧ୍ୟ ଉଦ୍‌ବୋଧନ ଦେବେ । ରୁଷକୁ ଏକ ତିନିଦିନିଆ ସରକାରୀ ଗସ୍ତରେ ଯାଇ ଗତ ସନ୍ଧ୍ୟାରେ ଡକ୍ଟର ଜୟଶଙ୍କର ମସ୍କୋ ଠାରେ ପହଞ୍ଚିଛନ୍ତି ।

ଏହି ଗସ୍ତ ଅବସରରେ ସେ ତାଙ୍କର ରୁଷ ପ୍ରତିପକ୍ଷ ସର୍ଗେଇ ଲାଭ୍‌ରୋଭ୍‌ଙ୍କ ସହ ସାକ୍ଷାତ ଆଲୋଚନା କରି ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗ ସମେତ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ମତ ଆଦାନପ୍ରଦାନ କରିବେ । ଭାରତ-ରୁଷ ମଧ୍ୟରେ ବହୁଦିନର ସ୍ୱତନ୍ତ୍ର ଏବଂ ସୁବିଧାପ୍ରାପ୍ତ

ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ହେଉଛି ଡକ୍ଟର ଜୟଶଙ୍କ ଗସ୍ତର ମୂଳ ଉଦ୍ଦେଶ୍ୟ । ନିକଟରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ମଧ୍ୟ ମସ୍କୋ ଗସ୍ତ କରି ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍, ପ୍ରଥମ ଉପପ୍ରଧାନମନ୍ତ୍ରୀ ମାଣ୍ଟୁରୋଭ୍‌ଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

## ଗଡ଼କରୀ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଆସନ୍ତା ୫ ବର୍ଷ ମଧ୍ୟରେ ଭାରତ ଅଟୋମୋବାଇଲ୍ ଶିଳ୍ପରେ ବିଶ୍ୱର ଏକ ନମ୍ବର ରାଷ୍ଟ୍ର ଭାବେ ପରିଣତ ହୋଇପାରିବ । ଗତକାଲି ନୂଆଦିଲ୍ଲୀ ଠାରେ ଏ ସମ୍ପର୍କିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଗଡ଼କରୀ କହିଛନ୍ତି, ବର୍ତ୍ତମାନ ଦେଶର ଅଟୋମୋବାଇଲ୍ କ୍ଷେତ୍ରରେ ବାର୍ଷିକ ୧୪ ପ୍ରତିଶତ ବୃଦ୍ଧି ଘଟୁଛି । ବିଭିନ୍ନ ଏକ୍ସପ୍ରେସ୍ ପଥ ଓ ଟନେଲ୍ ପ୍ରକଳ୍ପ ମାଧ୍ୟମରେ ଦେଶ ବ୍ୟାପି ସଂଯୋଗୀକରଣ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହିତ କରାଯିବା ସହିତ ଯାତ୍ରା ସମୟ ମଧ୍ୟ ହ୍ରାସ ପାଉଛି । ଏତଦ୍‌ବ୍ୟତୀତ ମାଲ୍ ପରିବହନ ସମ୍ପର୍କିତ ଖର୍ଚ୍ଚ ମଧ୍ୟ କମ୍ ହୋଇପାରିଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ଆଗାମୀ ଦିନରେ ଦେଶର ଗମନାଗମନକୁ ସବୁଜ କ୍ଷେତ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ବୈଦ୍ୟୁତିକ ଯାନ ଓ ବ୍ୟାଟେରି ଉତ୍ପାଦନ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ସେ କହିଛନ୍ତି ।

# ମହା-ରେନ୍

ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ଗତ ୪ ଦିନ ଧରି ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ପ୍ରାୟ ୨୧ ଜଣଙ୍କର ମୃତ୍ୟୁ ହୋଇଛି । କେବଳ ନାନ୍ଦେଦ୍ ଜିଲ୍ଲାରେ ବନ୍ୟା ଯୋଗୁଁ ୯ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି । ଅବିଶ୍ରାନ୍ତ ବର୍ଷା ଯୋଗୁଁ ମୁମ୍ବାଇ, ଥାନେ, ପାଲଘର, କୋକାନ ସମେତ ଅନ୍ୟାନ୍ୟ ସ୍ଥାନରେ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୁମ୍ବାଇରେ ପ୍ରାୟ ୩୦୦ ମିଲିମିଟର୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ବିଦର୍ଭ ଅଞ୍ଚଳ ଲାଗି ପାଣିପାଗ ପକ୍ଷରୁ ଆଜି ସତର୍କ ସୂଚନା ଜାରି କରାଯାଇଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ପୁନେ ଓ ମୁମ୍ବାଇ ମଧ୍ୟରେ ସମସ୍ତ ରେଳ ଚଳାଚଳକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରାଯାଇଛି । ଥାନେ ଓ ରାୟଗଡ଼ ଜିଲ୍ଲାରେ ଆଜି ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ବନ୍ଦ ରଖାଯାଇଛି ।

ସେହିଭଳି ପାତାନ୍, ଜାଓଲି, ମହାବଳେଶ୍ୱର, ୱାଇ, ସତାରା, କାରାଦ୍ ତାଲୁକାରେ ଆଜି ଓ ଆସନ୍ତାକାଲି ଲାଗି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯିବା ସହିତ ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକୁ ବନ୍ଦ ରଖାଯାଇଛି । ମିଠି ନଦୀରେ ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ପ୍ରାୟ ୩୫୦ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ।

# ଏସିଆ କପ- ସ୍କ୍ୱାର୍ଡ

ଏସିଆ କପ୍ କ୍ରିକେଟ ଟି-୨୦ ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟ କୁମାର ଯାଦବ ଦଳର ଅଧିନାୟକ ଏବଂ ଶୁଭମନ ଗିଲ୍ ଉପ ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ଯଶପ୍ରୀତ ବୁମରା ଏବଂ କୁଲଦୀପ ଯାଦବ ଭାରତୀୟ ଟି-୨୦ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆବୁଧାବି ଏବଂ ଦୁବାଇଠାରେ ଆସନ୍ତାମାସ ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ରଖାଯାଇଛି। ଗ୍ରୁପ୍-ଏ'ରେ ଭାରତ ସହିତ ପାକିସ୍ତାନ, ଓମାନ ଏବଂ ୟୁଏଇ ରହିଛନ୍ତି। ସେପ୍ଟେମ୍ବର ୧୦ ତାରିଖରେ ୟୁଏଇ ବିପକ୍ଷରେ ଭାରତ ଏହାର ଅଭିଯାନ ଆରମ୍ଭ କରିବ। ୧୪ ତାରିଖରେ ଭାରତ-ପାକିସ୍ତାନ ମୁକାବିଲା ହେବ।